


ଉଦ୍‌ବେଳିତ ଲାସ୍ୟମୟୀ ଯମୁନାର ନୀଳ ଜଳାରାଶିକୁ ତନ୍ମୟ ଭାବରେ ନିରୀକ୍ଷଣ କରୁଥାଆନ୍ତି ସାରା ହିନ୍ଦୁସ୍ଥାନର ଶାହାନଶାହ ବିଳାସମୟ ବୁଦ୍ଧିମନ୍ତ ସମ୍ରାଟ ଶାହାଜାହାଁ ଏକ ରୁଦ୍ଧ କାରାଗାର ସଦୃଶ ପ୍ରସ୍ତରୀଭୂତ କୋଠରୀରୁ । ତା'ଙ୍କ ପାଖରେ ପଡ଼ିରହିଛି ତାଙ୍କର ଗତାୟୁ ଅତୀତ ଯିଏ ଆଜି ଇତିହାସ । ଦିନେ ଆଗ୍ରାଦୁର୍ଗର ସେଇ କଷଟି ପଥର ସିଂହାସନାସୀନ ଯେଉଁ ସମ୍ରାଟର ଶାସନ ସାରା ହିନ୍ଦୁସ୍ଥାନରେ ଚଳତ୍‌ମାନ ଥିଲା, ସେଇ ଶାହାନଶାହ ଆଜି ଏପରି ଏକ ରୁଦ୍ଧ କୋଠରୀରେ ବନ୍ଦୀ ଜୀବନ ଅତିବାହିତ କରିବା ଭାଗ୍ୟର ବିଡ଼ମ୍ବନା ବ୍ୟତୀତ କଣ ହୋଇପାରେ ? ଏହା ହିଁ ଗତାୟୁ ଅତୀତର ବିଚିତ୍ରତା । ଜନ୍ମର ଆଭିଜାତ୍ୟ, ବୟସର ଉଦ୍‌ବେଳନ, ହୃଦୟର ଦୁର୍ବଳତା, ଅଭିସନ୍ଧିସୁ ମନର ଅନଗ୍ରସରତା ସବୁ ଆଜି ସେଇ ପ୍ରସ୍ତରୀଭୂତ ଶୀଳା ଭିତରେ ସ୍ଥାଣୁ ହୋଇଯାଇଛି ଯେପରି । ସୁଦୀର୍ଘ ଅତୀତ ହିଁ ଆଜି ସ୍ଥବିର । ବର୍ତ୍ତମାନ ଯେ ଶକ୍ତିହୀନ । ପୁତ୍ର ଆଉରଙ୍ଗଜେବ ପାଖରେ ତାଙ୍କର ସମସ୍ତ ସାମର୍ଥ୍ୟ ହାରମାନି ଯାଇଥିଲା । ପିତାଙ୍କୁ ବନ୍ଦୀକରି, ଧର୍ମବିଦ୍ୱେଷର କଳଙ୍କମୟ ଚରିତ୍ର ଆଉରଙ୍ଗଜେବ ତାଙ୍କର ସମସ୍ତ ଭାଇମାନଙ୍କୁ ଦିଲ୍ଲୀର ରାଜଦାଣ୍ଡରେ ହତ୍ୟା କରି ରାଜସିଂହାସନାସୀନ ହେବାଦେଖି ସାରା ବିଶ୍ୱ ସ୍ତମ୍ଭୀଭୂତ ହୋଇପଡ଼ିଥିଲା । ଜଣେ କଳାକୁଶଳୀ ସ୍ଥପତି ସେ ସାରା ବିଶ୍ୱକୁ ସ୍ୱୀୟ ଜାଗତିକ ପ୍ରେମର ପରାକାଷ୍ଠା ସ୍ୱରୂପ ତାଜମହଲ ପରି ଏକ ଜୀବନ୍ତ ଶିଳାସୃଷ୍ଟିକୁ ଉପହାର ଦେଇପାରେ ତାହା ଆଜିର ଦୁର୍ଦ୍ଦଶାଗ୍ରସ୍ତ ଶାହାଜାହାଁଙ୍କର ଉଦ୍‌ଜୀବିତ ପ୍ରେମର ଏକ ଅନନ୍ତ ରୂପାୟନ ନୁହେଁ କି ? ତାଜମହଲ ଯେ ପୃଥିବୀରେ ବର୍ଣ୍ଣନାତ୍ମକ କଳାସୃଜନୀର ସୌମ୍ୟକାନ୍ତ ଉତ୍କର୍ଷ କଳାଚାତୁରୀର ଅନୌପଚାରିକ ରୂପାୟନ ଏଥିରେ ଦ୍ୱିମତ ଥାଇ ନ ପାରେ । ଯଦିଓ ଇତିହାସ କହେ ଯେ ଏହା ମଧ୍ୟ ସ୍ୱାର୍ଥାନ୍ୱେଷୀ ଶାହାଜାହାଁର ମାର୍ମିକ ଅଭୀପ୍‌ସାର ଏକ ବାସ୍ତବ ରୂପାୟନ ବୋଲି ।

ଘନ ନୀଳ ନୀର ବେଣୀ ଯମୁନାର ଉଦାର ବକ୍ଷରେ ଯେଉଁ ଉତ୍ତାଳ ତରଙ୍ଗମାଳାର ସୃଷ୍ଟି ହୁଏ, ତା'ର ବିଲୋପ ହୁଏ ଯେତେବେଳେ ସେମାନେ ବେଳାଭୂମିର ନିସ୍ତବ୍ଧ ବାଲୁକା ଉପରେ ନିଜକୁ ଉତ୍ସର୍ଗୀକୃତ କରନ୍ତି । ମାତ୍ର ହିନ୍ଦୁସ୍ଥାନର ଏକଛତ୍ରବାଦୀ ସମ୍ରାଟ ଶାହାଜହାଁଙ୍କର ମନରେ ଉଦ୍‌ବେଳିତ ଉର୍ମି ନା କୋହ ମାଧ୍ୟମରେ ବେଳାଭୂମିରେ ସ୍ପର୍ଶ କରି ପାରୁଛି, ନା ମୃଗତୃଷ୍ଣାର ଛନ୍ଦମୟୀ ଜଳରାଶିରେ ଚଳଚଞ୍ଚଳ ଅବଗାହନ କରିପାରୁଛି । ଯମୁନାର ଉଚ୍ଛନ୍ନ ଜଳରାଶିରେ ସେ ନିଜେ ଭାବନା ରାଜ୍ୟରେ ବୁଡ଼ିରହି କେତେବେଳେ ମୂର୍ଚ୍ଛିତ ହୋଇ ପଡ଼ିଛନ୍ତି ତା'ର ହିସାବ ନା ଉଦ୍‌ବେଳିତ ଜନତା ରଖିପାରିଛି ନା ପୁତ୍ର ଆଉରଙ୍ଗଜେବ ଯିଏ ଅତୀତରେ ପିତୃବତ୍ସଳ ପୁତ୍ରର ବଜ୍ର ଶପଥ ନେଇଥିଲା, ରଖି ପାରିଛି । ରଖିଛି କେବଳ ମମତାଜ ମହଲର ସ୍ମୃତି ବୃଦ୍ଧ ଶୁଭ୍ରଶ୍ମଶ୍ରୁ ଶାହାଜହାଁର ସ୍ମୃତି ମାଧ୍ୟମରେ ।

ପରମ କାରୁଣିକ ଆଲ୍ଲାଙ୍କର ଅପାର ଦାନରୁ ବୃଦ୍ଧଙ୍କ ପାଖରେ ଛାୟାପରି ସ୍ୱୀୟ ପୁତ୍ରୀ ଜାହାନାରା ବେଗମ୍ ଯତ୍ନବାନ ଅଛନ୍ତି ତାଙ୍କର ସେବା କରିବା ପାଇଁ । ସୁଦୂର ପାରସ୍ୟରୁ ଆନୀତ କିଛି ଗୋଲାପ ଅତର ଏବଂ ଉଷ୍ମ ପାନୀୟ ଯାହା ପିତାଙ୍କର ଅତି ପ୍ରିୟ, ନେଇ ଜାହାନାରା ପିତାଙ୍କର ନିକଟରେ ଦଣ୍ଡାୟମାନା, ଯାହା ପିତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିନାହିଁ । ପିତା ଯେ ଅତୀତକୁ ତିଳେ ତିଳେ ରୋମନ୍ଥନ କରି ଚାଲିଛନ୍ତି । ସେ ଲାଲକିଲ୍ଲାର ନହରମାନଙ୍କରେ ସୁବାସିତ ଜଳର ପ୍ଲାବନ, ଦେଓ୍ୟାନ-ଇ-ଖାସ୍‌ରେ ସଭାସଦମାନଙ୍କ ଗହଣରେ ଆଳାପ ସଂଭାଷଣର ମାହୋଲ ଏବଂ ପ୍ରିୟତମା ମମତାଜ ମହଲର ସାନ୍ନିଧିରେ ଯେପରି ବର୍ତ୍ତମାନ ନିଜକୁ ହଜାଇ ଦେଇଛନ୍ତି । ତାଙ୍କର ମନେପଡ଼େ ସେଇଦିନ ଯେଉଁଦିନ ଆରଜମନ୍ଦବାନୁଙ୍କ ଅନ୍ୟ ପଠାଣ ହାତରେ ବିବାହ, ଶାହାଜହାଁଙ୍କ ହୃଦୟରେ ଦାରୁଣ କୁଠାର ଆଘାତ କରିଥିଲା । ସମ୍ରାଟ ଯେ ଆରଜମନ୍ଦବାନୁଙ୍କ ପ୍ରେମରେ ପାଗଳ । ଅସୀ ଚାଳନାରେ ଧୁରନ୍ଧର ସମ୍ରାଟ ସୈନ୍ୟ ଚାଳନା କରି ଆରଜମନ୍ଦବାନୁଙ୍କୁ ଜୋର ଜବରଦସ୍ତ ଆଣିବାରେ ଆଶାୟୀ ନ ହୋଇ, ମୀନାବଜାରରେ ତାଙ୍କର ସମସ୍ତ ପଣ୍ୟ କିଣିବାକୁ ଯାଇ, କେତେ ସମୟ ଧରି ଦୁଇହାତ ମଧ୍ୟରେ ଅନ୍ୟ ଦୁଇ ହାତ ରହି ଯାଇଥିଲା ତାହା ନା ଆରଜମନ୍ଦବାନୁଙ୍କର ନା ଶାହାଜହାଁଙ୍କର କର୍ତ୍ତୃତ୍ୱ ଭିତରେ ଥିଲା । ଏହା ଥିଲା ପ୍ରେମର ଉଚ୍ଛ୍ୱାସ ମାତ୍ର । ଯାହାଫଳରେ ଆରଜମନ୍ଦବାନୁଙ୍କର ସ୍ୱାମୀ ତାଙ୍କୁ ପରିତ୍ୟାଗ କଲେ ଏବଂ ସେ ଶାହାଜହାଁଙ୍କର ସ୍ୱୀୟ ହାରେମ୍‌ରେ ପାଟ ମହିଷୀର ମର୍ଯ୍ୟାଦା ପାଇ ପାରିଲେ । ଏହା ଯେ ପ୍ରେମର ଅନୁଢ଼ା ଚିନ୍ତନ । ସେ ପୁଣି ରୋମାଞ୍ଚିତ ହୋଇ ଉଠନ୍ତି ଯେତେବେଳେ ମନେପଡ଼େ ଦାରାଙ୍କର ଦିଲ୍ଲୀର ରାଜପଥରେ ହସ୍ତୀ ପଦବନ୍ଧା

ହୋଇ ଚିତ୍କାର ଓ ଆର୍ତ୍ତନାଦ କରିବା । ସେ ଅତୀତକୁ ଆଉ ମନେ ପକାଇବାକୁ ଇଚ୍ଛା କରନ୍ତି ନାହିଁ ।

ଏଇ ଯମୁନା ନଦୀ ତାର ସ୍ଫୀତ ବକ୍ଷରେ ସାରା ହିନ୍ଦୁସ୍ଥାନର ଇତିହାସକୁ ଯେପରି ଲେଖି ରଖିଛି । ତାକୁ ଆଜି ଇର୍ଷା କରୁଛନ୍ତି କ୍ଷୟିଷ୍ଣୁ ବୃଦ୍ଧ ବିଗତଯୌବନ ସମ୍ରାଟ ଶାହାଜହାଁ । ଯମୁନା ଯେ ନିମ୍ନଗା । ରାଜଧାନୀ ଦିଲ୍ଲୀର ସମସ୍ତ ସମାଚାର ପ୍ରଥମେ ଆଗ୍ରା, ତାପରେ ଇଲାହାବାଦ, ତାପରେ ସାରା ହିନ୍ଦୁସ୍ଥାନରେ ପ୍ରଚାର ପ୍ରସାର କରିବାରେ ଏ ନଦୀଟା ଯେପରି ସିଦ୍ଧହସ୍ତ ଏବଂ ପ୍ରତିଶୃତିବଦ୍ଧ । ନିଜ ଜୀବଦ୍ଦଶାରେ ସମ୍ରାଟ ଶାହାଜହାଁ ପୃଥିବୀର ସମସ୍ତ ଆଶ୍ଚର୍ଯ୍ୟମାନଙ୍କୁ ଆଣି ମମତାଜଙ୍କର ପାଖରେ ସମର୍ପଣ କରିଥିଲେ, ତାହା କୋହିନୂର ହୀରା ହୋଇପାରେ, ତାହା ମୟୂର ସିଂହାସନ ହୋଇପାରେ, ତାହା ରଙ୍ଗବେରଙ୍ଗୀ ସ୍ତ୍ରୀ ବିପ୍ପଣୀମାଳା ମୀନାବଜାର ହୋଇପାରେ ଏବଂ ତାହା ଅଫୁରନ୍ତ ପ୍ରେମର ସ୍ମାରକୀ ରୂପେ ପରଜୀବନରେ ତାଜମହଲ ହୋଇପାରେ ।

ମୋଗଲ ମସନଦରେ ଧନର ପ୍ରାଚୁର୍ଯ୍ୟର ସୁଅ ଛୁଟିଚାଲେ । ଶାହନଶାହା ଆଗ୍ରାରେ ଲକ୍ଷ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ବ୍ୟୟରେ ତାଙ୍କର ପ୍ରୀତିର ସ୍ମାରକୀ ରୂପେ ମମତାଜଙ୍କୁ ତାଙ୍କର ଅନ୍ତିମ କ୍ଷଣରେ ଅଭୀପ୍ସା ପୂରଣ କରିବା ପାଇଁ ତାଜମହଲ ନିର୍ମାଣରେ ବ୍ରତୀ ହୋଇଉଠନ୍ତି । ସମ୍ରାଟ ଅକଳନ ଧନ ବ୍ୟୟରେ ଦୀର୍ଘ ୨୨ ବର୍ଷ ଧରି ସ୍ଥପତି ଇସାଙ୍କର ପ୍ରତ୍ୟକ୍ଷ ତତ୍ୱାବଧାନରେ ପୃଥିବୀର ସପ୍ତାଶ୍ଚର୍ଯ୍ୟମାନଙ୍କ ମଧ୍ୟରୁ ଏକ ଆଶ୍ଚର୍ଯ୍ୟର ନିର୍ମାଣ କରି ଇତିହାସ ପୃଷ୍ଠାରେ ଅମର ହୋଇ ଯାଆନ୍ତି । ମାତ୍ର ଆଜି, ଆଜି ଶାହେନସା ଯମୁନାର ନୀଳ ଜଳରାଶିରେ ସେଇ ସ୍ମୃତିର ନିବିଡ଼ତର ପାଥେୟକୁ ବୟସର ତୀବ୍ରତା ହେତୁ ହେଉ ବା ଅତୀତକୁ ପାଶୋରି ଯିବାର ଅଭୀପ୍ସାକୁ ନେଇ ହେଉ ପ୍ରିୟ ତାଜକୁ ସେଇ ପ୍ରସ୍ତରିଭୂତ ଶିଳାଗୃହ ଆଗ୍ରା କିଲ୍ଲାରୁ ଦେଖିବାରେ ସକ୍ଷମ ହୋଇ ପାରୁ ନାହାନ୍ତି । ଗୃହର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକ ଦର୍ପଣ ମାଧ୍ୟମରେ ତାଙ୍କ ପ୍ରିୟତମାର ସ୍ମାରକୀ ଦେଖିବାରେ ଏବେ ବି ସେ ଚେଷ୍ଟିତ ।

ତାଙ୍କର ପ୍ରିୟତମା ଦୁହିତା ଜାହାନାରା ବେଗମ୍ ପାଖରେ ଥାଇ କହିଉଠନ୍ତି, ଆପାଜାନ୍ ! ଅତୀତ ଯେ ମୃତ, ଆପଣ ସେଇ ଗତାୟୁ ଅତୀତର ଶବାଧାରରେ କେତେଦିନ ଧରି ଅଶ୍ରୁମୋଚନ କରିପାରିବେ ? ଆପଣ ଯେ ଜୀବନର ଅପରାହ୍ଣରେ ଅତୀବ ରୁଗ୍ଣ ହୋଇ ପଡ଼ିଛନ୍ତି । ଶାହାନଶାହା ଶାହାଜାହାଁ ଆଜି ପ୍ରସ୍ତରିଭୂତ ଶୀଳାଗୃହରେ ବନ୍ଦୀର ଜୀବନ ଅତିବାହିତ କରିବାରେ ମଗ୍ନ । ସାମୟିକ ଭାବରେ

ଆପଣଙ୍କ ପାଖରେ କିଛି ସମୟ ଅତିବାହିତ କରିବା ପାଇଁ ଭାଇଜାନ୍ ଆଲାମଗୀର ଆଉରଙ୍ଗଜେବ ଆଦେଶ ଦେଇଛନ୍ତି ଦୟାପରବଶ ହୋଇ ।

ମହାମହୀମ ସମ୍ରାଟ ଶାହାଜାହାଁ ଯେ ସ୍ଥାପତ୍ୟ ଶିଳ୍ପରେ ତାଙ୍କର ପ୍ରଗାଢ଼ ଅନୁରାଗ ଏବଂ ଆସକ୍ତି ପାଇଁ ଚିର ବନ୍ଦିତ । ତାଙ୍କର କଳ୍ପନା ଚକ୍ଷୁରେ ଆଜି ଅବାରିତ ଦୃଶ୍ୟରାଜି ପ୍ରତିଭାତ ହୁଏ । ଜ୍ୟୋସ୍ନାବିଧୌତ ରଜନୀରେ ଯମୁନାର ଘନନୀଳ ଜଳରାଶିରେ ନୌକାବିହାର, ଚନ୍ଦ୍ରାଲୋକ ଅବଗାହିତ ଯମୁନା ଯେ ଦୃଶ୍ୟପଟଳୀର ଚିର ସବୁଜାୟିତ ସୁଷମାର ଖଣି । ତା'ର ତଟ ଦେଶରେ ଥିବା ସୁବିସ୍ତୀର୍ଣ୍ଣ ପ୍ରାନ୍ତର,ଆମ୍ରକାନନ, ତୀର ଓ ତରୁକୁ ହେମ ବତାସର ଶୀତଳ ସ୍ପର୍ଶ, ଆଲୋକ ବିହ୍ୱଳିତ ଚନ୍ଦ୍ରାତପ ତଳେ ନଦୀବକ୍ଷର ମଧୁର ସଂଗୀତର ଗୁଞ୍ଜନ, ଏପରି ଅନେକ ଦୃଶ୍ୟରାଜି ପହଞ୍ଚିଯାଏ ତାଙ୍କ ମାନସପଟରେ । 'କାଶ୍ମୀର ଜାଫରାନ ଯେତେଦିନ ଅଧିକ ରହେ, ତାହା ସେତେ ସୁଗନ୍ଧିତ ଓ ଔଜ୍ଜଲ୍ୟମାନ ହୁଏ ।' ଆଜି ସମ୍ରାଟଙ୍କ ମନରେ ସମାଲୋଚକମାନଙ୍କର ଶରବ୍ୟ ଦୃଷ୍ଟିଭଙ୍ଗୀ ମଧ ଉଦ୍‌ଭାସିତ ହୁଏ । ସେ କାଳେ ଆଡ଼ମ୍ବର ଓ ଅମିତବ୍ୟୟିତାରେ ଥିଲେ ଧୁରନ୍ଧର, ଯାହାର ବର୍ଣ୍ଣାଢ୍ୟରୂପ ଦେଇଛି ତାଜମହଲ । ପ୍ରେମର ଚିରନ୍ତନ ଅଶ୍ରୁରୁ ତାଜର ଜନ୍ମ ହୋଇନାହିଁ ଏବଂ ଏହା ବିରହୀ ଦରଦୀ ପ୍ରେମିକାର ଦୀର୍ଘଶ୍ୱାସ ନୁହେଁ । ଏହା ଐଶ୍ୱର୍ଯ୍ୟର ଅହମିକା ଏବଂ ଉପଜୀବ୍ୟ ପ୍ରେମର ଏକ ସମାହିତ ଇସ୍ତାହାର । ତାହା ସମ୍ରାଟଙ୍କର ପ୍ରେମ ଓ ଗୌରବର ଉପଲକ୍ଷ୍ୟ ମାତ୍ର ସାମ୍ରାଜ୍ଞୀ ମମତାଜଙ୍କର ଲଜ୍ଜା । ପ୍ରେମର ନିବାସ ହୃଦୟର ନିଭୃତତମ କୋଠରୀରେ ମାତ୍ର ଏହା ତାଜମହଲ ପରି ପ୍ରସ୍ତରୀଭୂତ ଶୀଳା ହର୍ମ୍ୟ ମଧ୍ୟରେ ନୁହେଁ । ମସଜିଦ୍‌ର ମିନାର ଉପରେ ଠିଆହୋଇ ନିଜର ପ୍ରେମ ପ୍ରଦର୍ଶନ କରିବା ଧୃଷ୍ଟତା ନୁହେଁ କି ? ମୟୂର ସିଂହାସନରେ ହେଉ, ଆଗ୍ରା ଦୁର୍ଗ ହେଉ କିମ୍ବା ଶ୍ୱେତହର୍ମ୍ୟ ତାଜମହଲରେ ହେଉ ସେଥିରେ ଶାହାଜାହାନଙ୍କର କଣ୍ଠସ୍ୱର ଶୁଣିବାକୁ ମିଳେ ଏବଂ ଶଙ୍ଖମଲ୍‌ମଲ୍‌ର ଦର୍ପଣରେ ତାଙ୍କର ନମନୀୟ ମୁଖମଣ୍ଡଳର ସଂଦର୍ଶନ ମିଳେ ଇତ୍ୟାଦି ।

ଏସବୁ ଲୋକ ଦର୍ଶନ ମହାମନା ସମ୍ରାଟଙ୍କର ମସ୍ତିଷ୍କର ତନ୍ତ୍ରୀକୁ ବିକ୍ଷୁବ୍ଧ କରିଦିଏ । ସେ ପୁତ୍ରୀ ଜାହାନାରା ବେଗମ୍‌କୁ ପାଖକୁ ଡାକି କହନ୍ତି, ମା' ! ଏ ଶାହେନସାହ ସମ୍ରାଟ ହେଲେ ବି ହିନ୍ଦୁସ୍ଥାନର ଏକ ଭିକାରୀ । ଖାଲି ହାତରେ ଜନ୍ମଲାଭ କରିଥିବା ତୋର ଆବାଜାନ୍ ଦେହରେ ତୈମୁରଲଙ୍ଗ ରକ୍ତ ଏବେ ବି ପ୍ରବାହିତ, ସେ ଯେ ଆକବର ବାଦଶାହଙ୍କର ଏକ ସୁଯୋଗ୍ୟ ଉତ୍ତରାଧିକାରୀ ମାତ୍ର ସାରା ବିଶ୍ୱ ତାଙ୍କର ରିକ୍ତହସ୍ତ ଦେଖାଇ ଦେଇ ସେ ସନ୍ଦେଶ ଦେବାକୁ ଚାହେଁ ଯେ,

''ଧୂଳୀ ହୋଇ ମିଶିଛି ମାଟିରେ ଶହ ଶହ ସମ୍ରାଟର ଘର ।
ସହସ୍ରର ସମାଗମ ଯହିଁ ତହିଁ ଆଜି ଚରେ ବନେଚର ।।''

ପ୍ରତିଶ୍ରୁତି ଖିଲାପ ଏ ଶାହାଜାହାଁ ତାର ଜୀବଦ୍ଦଶାରେ କରି ନାହିଁ । ସେ ପ୍ରତିଶ୍ରୁତି ହିନ୍ଦୁସ୍ଥାନର ଜନତାକୁ ହେଉ, ଏ ପ୍ରତିଶ୍ରୁତି ତାଙ୍କର ପ୍ରେମିକା ପତ୍ନୀ ମମତାଜ ମହଲକୁ ହେଉ ବା ସାରା ବିଶ୍ୱକୁ ହେଉ । ମୋର ହୃଦୟର ପ୍ରତ୍ୟେକ ଅଭିବ୍ୟକ୍ତି, ପ୍ରତ୍ୟେକ ପ୍ରତିଛବି ଆଜି ତାଜର ଦେହରେ ସ୍ଥାନିତ । ସେଇ ତାଜ ତା'ର ବିମୋହିତ କୋଳରେ ଆଶ୍ରୟ ଦେଇଛି ତୋର ମା' ଆରଜମନ୍ଦବାନୁ ବେଗମ୍ ବା ମମତାଜ ମହଲକୁ । ମାତ୍ର ଆଜିର ଏ ପରିଣତ ବୟସରେ ବୃଦ୍ଧ ଶାହାଜାହାଁ ପ୍ରତିଶ୍ରୁତି ଚାହେଁ ଯେ ତା'ର ମରଣୋତ୍ତର ଶରୀର ମମତାଜ ମହଲ ପାଖରେ ଯେପରି ସ୍ଥାନିତ ହେବ । ସେ ଏପରି ଏକ ଦୃଢ଼ ପ୍ରତିଶ୍ରୁତି ଚାହେଁ ।

ପୁତ୍ରୀ ଜାହାନାରା ନିସ୍ତବ୍ଧ ଭାବରେ ଏକ ପିତାର ଅନ୍ତିମ ପ୍ରଳାପର ପ୍ରତ୍ୟେକ ମୁହୂର୍ତ୍ତକୁ ବିଶ୍ଳେଷଣ କରୁଥିଲେ ହିନ୍ଦୁସ୍ଥାନର ମହାମହିମ ମୋଗଲ ସ୍ଥାପତ୍ୟ ଶାହେନସା ଶାହାଜାହାଁଙ୍କର ବକ୍ତବ୍ୟ ଶୁଣି ।

